# ଅଧ୍ୟାୟ - VII

# ଉପକ୍ରମ

## ଭାଗ - ଖ

# ଅଧ୍ୟାୟ - VII

## ଉପକ୍ରମ

### 7.1 ପ୍ରତିବେଦନର ଏହି ଅଂଶ ସମ୍ବନ୍ଧରେ

ଓଡିଶା ସରକାରଙ୍କ ଆର୍ଥିକ କ୍ଷେତ୍ର ଉପରେ ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି) ଙ୍କ ଏହି ପ୍ରତିବେଦନ ସରକାରୀ ବିଭାଗମାନଙ୍କର ଅନୁପାଳନ ସମୀକ୍ଷାର ଫଳାଫଳ ସହ ସମ୍ପର୍କିତ ।

ଅନୁପାଳନ ସମୀକ୍ଷା ହେଉଛି ଉପଯୁକ୍ତ ନିୟମ, କାନୁନ, ବିନିୟମ ଏବଂ କ୍ଷମତାପନ୍ନ ଅଧିକାରୀଙ୍କ ଦ୍ୱାରା ଜାରୀ କରାଯାଇଥିବା ଅନୁଦେଶ ଗୁଡିକର ଅନୁପାଳନ ହେଉଛି ନା ନାହିଁ ସୁନିଶ୍ଚିତ କରିବା ପାଇଁ ସଂସ୍ଥାଗୁଡ଼ିକର ବ୍ୟୟ, ପ୍ରାପ୍ତି, ସମ୍ପତ୍ତି ଓ ଦାୟ ସମ୍ପର୍କିତ ନେଣଦେଣର ପରୀକ୍ଷା ।

ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ପରିଣାମ ରାଜ୍ୟ ବିଧାନ ସଭାର ଦୃଷ୍ଟିକୁ ଆଣିବା ହେଉଛି ଏହି ପ୍ରତିବେଦନର ପ୍ରାଥମିକ ଉଦ୍ଦେଶ୍ୟ । ସମୀକ୍ଷା ସିଦ୍ଧାନ୍ତ କାର୍ଯ୍ୟ ସାଧକମାନଙ୍କୁ ସମୟୋଚିତ ସଂଶୋଧନାତ୍ମକ ପଦକ୍ଷେପ ନେବାକୁ ସମର୍ଥ କରାଇବାର ଆଶା କରାଯାଏ । ଏହା ନୀତି ଓ ମାର୍ଗଦର୍ଶିକା ପ୍ରଣୟନ କରିବାରେ ସହାୟକ ହେବ, ଯାହାକି ସଂସ୍ଥାମାନଙ୍କର ଉନ୍ନତ ପରିଚାଳନା ତଥା ଉତ୍ତମ ରାଜ୍ୟ ଶାସନ କରିବାରେ ଅଂଶଦାନ କରିବ ।

ଏହି ଅଧାୟରେ ସମୀକ୍ଷା ହୋଇଥିବା ସଂସ୍ଥାମାନଙ୍କର ପାର୍ଶ୍ୱଚିତ୍ର, ସମୀକ୍ଷାର ଯୋଜନା ପରିସର ସହିତ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ମନ୍ତବ୍ୟର ସାର ସଂକ୍ଷେପରେ ଉଲ୍ଲେଖିତ । ସମୀକ୍ଷା ପ୍ରତିବେଦନର ଅଷ୍ଟମ ଅଧାୟରେ ବିଭିନ୍ନ ବିଭାଗ ମାନଙ୍କର ଅନୁପାଳନ ସମୀକ୍ଷା ଗୁଡିକ ବିଷୟରେ ଆଲୋଚନା କରାଯାଇଛି ।

### 7.2 ସମୀକ୍ଷା ହୋଇଥିବା ସଂସ୍ଥାମାନଙ୍କର ପାର୍ଶ୍ୱଚିତ୍ର

ରାଜ୍ୟରେ ସଚିବାଳୟ ସ୍ତରରେ 39 ଟି ବିଭାଗ ରହିଛି ଯେଉଁଗୁଡିକ ଅତିରିକ୍ତ ମୁଖ୍ୟ ଶାସନ ସଚିବ/ ପ୍ରମୁଖ ଶାସନ ସଚିବ /କମିଶନର ତଥା ସଚିବଙ୍କ ଦ୍ୱାରା ପରିଚାଳିତ ହୁଅନ୍ତି । ନିର୍ଦ୍ଦେଶକ ଓ ଅଧସ୍ତନ ଅଧିକାରୀମାନେ ସେମାନଙ୍କୁ ସହାୟତା କରିଥାନ୍ତି । ଏହି 39 ଟି ବିଭାଗ ମଧ୍ୟରୁ 12 ଟି ବିଭାଗ ଆର୍ଥିକ କ୍ଷେତ୍ରର ସମୀକ୍ଷାରେ ହାତକୁ ନିଆଯାଏ । ଏହି ପ୍ରତିବେଦନରେ ଚାରୋଟି[80] ବିଭାଗର ସମୀକ୍ଷା ଫଳାଫଳ ପ୍ରଦାନ କରାଯାଇଛି ।

### 7.3 ସମୀକ୍ଷାର ପ୍ରାଧିକାର

ଭାରତୀୟ ସମ୍ବିଧାନର ଧାରା 149 ଏବଂ 151 ଦ୍ୱାରା ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତାବଳୀ ଅଧିନିୟମ, (ସିଏଜି ଡିପିସି ଅଧିନିୟମ) 1971 ରେ ସିଏଜିଙ୍କୁ ସମୀକ୍ଷା କରିବା ପ୍ରାଧିକାର ଦିଆଯାଇଅଛି । ଉକ୍ତ ଅଧିନିୟମ 1971 ର ପରିଚ୍ଛେଦ[81] 13 ଅନୁଯାୟୀ ସିଏଜି, ଓଡିଶା ସରକାରଙ୍କର ବିଭାଗଗୁଡିକର ବ୍ୟୟର ସମୀକ୍ଷା କରନ୍ତି । ଆହୁରି ମଧ ରାଜ୍ୟ ସରକାରଙ୍କ ଦ୍ୱାରା ଯଥେଷ୍ଟ ପାଣ୍ଠି ଦିଆଯାଇଥିବା ସ୍ୱୟଂ ଶାସିତ ସଂସ୍ଥାଗୁଡିକର ସମୀକ୍ଷା ସିଏଜି କରିଥାନ୍ତି । ସିଏଜିଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନଦଣ୍ଡ ଏବଂ ଲେଖା ଓ ଲେଖା ପରୀକ୍ଷା ଉପରେ ଅଧିନିୟମ, ବିଭିନ୍ନ ସମୀକ୍ଷା ପାଇଁ ନୀତି ଓ ପଦ୍ଧତି ବିହିତ କରାଯାଇଅଛି ।

### 7.4 ଯୋଜନା ଓ ସମୀକ୍ଷା ସଞ୍ଚାଳନ

ବିଭାଗ / ସଙ୍ଗଠନ ଏବଂ ଏହାର ପ୍ରତ୍ୟେକ ଶାଖାର ଶଙ୍କାଭୟର ଆକଳନ କରାଯାଇ ସମୀକ୍ଷା ପ୍ରକ୍ରିୟା ଆରମ୍ଭ ହୋଇଥାଏ । କରାଯାଇଥିବା ଅର୍ଥବ୍ୟୟ, ସଂକଟାପନ୍ନ / ଜଟିଳ କାର୍ଯ୍ୟାବଳୀ ଏବଂ ଆର୍ଥିକ କ୍ଷମତା ଅର୍ପଣର ସ୍ତର ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣର ଆକଳନ ଭିତ୍ତିରେ ନିର୍ଦ୍ଧାରଣ କରାଯାଇଥାଏ । ଏହି ପ୍ରକ୍ରିୟାରେ ଆବଶ୍ୟକ ସ୍ଥଳେ ପୂର୍ବ ସମୀକ୍ଷା ସିଦ୍ଧାନ୍ତମାନଙ୍କୁ ମଧ ବିଚାର କରାଯାଇଥାଏ । ଶଙ୍କାଭୟ ନିର୍ଦ୍ଧାରଣ ଉପରେ ଆଧାର କରି ସମୀକ୍ଷାର

---

[80] ସମବାୟ, ଜଂଗଲ ଓ ପରିବେଶ, ଜଳସଂପଦ ଏବଂ ପୂର୍ତ୍ତ ବିଭାଗ

[81] (i) ରାଜ୍ୟ ଏକତ୍ରୀକୃତ ପାଣ୍ଠିରୁ ହୋଇଥିବା ସମସ୍ତ ବ୍ୟୟର ସମୀକ୍ଷା (ii) ରାଜ୍ୟ ଆକସ୍ମିକ ପାଣ୍ଠି ଓ ସରକାରୀ ହିସାବରୁ ହୋଇଥିବା ସମସ୍ତ ବ୍ୟୟର ସମୀକ୍ଷା ଏବଂ (iii) ସମସ୍ତ ନେଣଦେଣ, ଆୟ ଓ ବ୍ୟୟ ହିସାବ, ବାଲାନ୍ସ ସୀଟ୍ ଓ ଅନ୍ୟାନ୍ୟ ସହକାରୀ ହିସାବ ।

ପୌନଃପୁନିକତା ଏବଂ ମାତ୍ରା ନିଶ୍ଚିତ କରାଯାଇଥାଏ । ଏହି ଶଙ୍କାଭୟ ନିର୍ଦ୍ଧାରଣ ଆଧାରରେ ସମୀକ୍ଷା ସଞ୍ଚାଳନ କରିବା ପାଇଁ ବାର୍ଷିକ ସମୀକ୍ଷା ଯୋଜନା ବ୍ୟବସ୍ଥିତ କରାଯାଏ । ପ୍ରତ୍ୟେକ ୟୁନିଟର ସମୀକ୍ଷା ଶେଷ ହେବା ପରେ ସେହି ସଂସ୍ଥାମାନଙ୍କର ମୁଖ୍ୟଙ୍କୁ ସମୀକ୍ଷା ସିଦ୍ଧାନ୍ତକୁ ନେଇ ହୋଇଥିବା ନିରୀକ୍ଷଣ ପ୍ରତିବେଦନ ଜାରି କରାଯାଇଥାଏ । ନିରୀକ୍ଷଣ ପ୍ରତିବେଦନ ପାଇବାର ଏକ ମାସ ମଧ୍ୟରେ ସମୀକ୍ଷା ସିଦ୍ଧାନ୍ତର ଉତ୍ତର ଦେବା ପାଇଁ ସଂସ୍ଥାମାନଙ୍କୁ ଅନୁରୋଧ କରାଯାଇଥାଏ । ଉତ୍ତର ମିଳିବା ପରେ ସମୀକ୍ଷା ସିଦ୍ଧାନ୍ତର ମୀମାଂସା ହୋଇଥାଏ ଅଥବା ଅନୁପାଳନ ନିମିତ୍ତ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଉପଦେଶ ଦିଆଯାଇଥାଏ । ନିରୀକ୍ଷଣ/ କାର୍ଯ୍ୟ ସମ୍ପାଦନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ଅବଲୋକନ ଗୁଡ଼ିକୁ ଯାଞ୍ଚ କରିବା ପରେ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇଥାଏ ।

## 7.5 ସମୀକ୍ଷା ପ୍ରତି ପ୍ରତିକ୍ରିୟା

ନିରୀକ୍ଷଣ ପ୍ରତିବେଦନ ଗୁଡ଼ିକର ସମୀକ୍ଷାରୁ ଜଣାଯାଏ ଯେ ମାର୍ଚ୍ଚ 2019 ସୁଦ୍ଧା 12 ଟି ବିଭାଗକୁ ଜାରୀ ହୋଇଥିବା 2,981 ଟି ନିରୀକ୍ଷଣ ପ୍ରତିବେଦନର 9,828 ଟି ଅନୁଚ୍ଛେଦ ଜୁନ 2019 ଶେଷ ସୁଦ୍ଧା ବାକିଆ ରହିଥିଲା । ସେଥି ମଧ୍ୟରୁ 1,131 ନିରୀକ୍ଷଣ ପ୍ରତିବେଦନର 2,488 ଟି ଅନୁଚ୍ଛେଦ 10 ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ବାକିଆ ରହିଥିଲା । ଏପରିକି କାର୍ଯ୍ୟାଳୟ ମୁଖ୍ୟମାନଙ୍କ ଠାରୁ ପ୍ରଥମ ଉତ୍ତର ଯାହାକି ଏକ ମାସ ମଧ୍ୟରେ ପ୍ରଦାନ କରାଯିବା କଥା, ଜାରି ହୋଇଥିବା 347 ଟି ନିରୀକ୍ଷଣ ପ୍ରତିବେଦନ ସମ୍ବନ୍ଧିତ ଉତ୍ତର ମାର୍ଚ୍ଚ 2019 ସୁଦ୍ଧା ପ୍ରାପ୍ତ ହୋଇନଥିଲା ।